# NATIONAL NEWS BULLETIN (ODIA)

**20 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଜାରି ରହିଛି ଭାରତ-ଜାପାନ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକ ।

- ଶାନ୍ତି, ସ୍ଥିରତା ଓ ସମୃଦ୍ଧିକୁ ସୁନିଶ୍ଚିତ କରିବା ନେଇ ଉଭୟ ଦେଶ ସହଭାଗିତାର ସହ ଦାୟିତ୍ୱ ବହନ କରନ୍ତି - କହିଲେ ପ୍ରତିରକ୍ଷାମନ୍ତ୍ରୀ ।

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ୩୧ତମ ଜୋନାଲ ପରିଷଦ ବୈଠକ ।

- ସିଙ୍ଗାପୁରଠାରେ ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗଙ୍କ ସହ ସାକ୍ଷାତ୍ ଆଲୋଚନା କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତୀୟ ମହିଳା ଯୋଡ଼ି ।

---

## ଇଣ୍ଡିଆ ଜାପାନ-ଡିଫେନ୍ସ

ଭାରତ-ଜାପାନ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକ ନୂଆଦିଲ୍ଲୀରେ ଜାରି ରହିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ତାଙ୍କ ଜାପାନ ପ୍ରତିପକ୍ଷ ସିଞ୍ଜିରୋ କୋଇଜୁମି ବୈଠକରେ ସହ ଅଧ୍ୟକ୍ଷତା କରୁଛନ୍ତି । ଦ୍ୱିପାକ୍ଷିକ

ପ୍ରତିରକ୍ଷା ସମ୍ପର୍କକୁ ଅଧିକ ମଜଭୁତ କରିବା ଏବଂ ପାରସ୍ପରିକ ରଣନୈତିକ ବିଶ୍ୱାସ ଓ ସହଯୋଗ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହେଉଛି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିବା ତଥା ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ନେଇ ନୂତନ ମାର୍ଗ ଉନ୍ମୁକ୍ତ କରିବା ଉପରେ ବୈଠକରେ ମତ ବିନିମୟ ହୋଇଥିବା ଜଣାପଡିଛି ।

ବୈଠକକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଉଭୟ ଦେଶ ଆସନ୍ତା ବର୍ଷ କୂଟନୈତିକ ସମ୍ପର୍କର ୭୫ବର୍ଷ ପାଳନ କରିବେ । ଏସିଆର ୨ଟି ପ୍ରମୁଖ ଗଣତନ୍ତ୍ର ରାଷ୍ଟ୍ରଭାବେ ଭାରତ ଓ ଜାପାନ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ସୁନିଶ୍ଚିତ କରିବା ନେଇ ସହଭାଗିତାର ସହ ଦାୟିତ୍ୱ ବହନ କରନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି। ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗରର ସୁରକ୍ଷା ଦିଗରେ ଉଭୟ ଦେଶ ପାରସ୍ପରିକ ସହଯୋଗିତାର ସହ କାର୍ଯ୍ୟ କରୁଛନ୍ତି । ବହୁବର୍ଷ ଧରି ନୀତି ଆଧାରିତ ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O (Rajanath Singh)**

ଜାପାନରେ ଭୂମିକମ୍ପ ପ୍ରଭାବିତ ଲୋକଙ୍କ ପ୍ରତି ସମବେଦନା ଜ୍ଞାପନା କରିଥିବାରୁ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ କୋଇଜୁମି ଭାରତକୁ କୃତଜ୍ଞତା ପ୍ରକାଶ କରିଛନ୍ତି । ଜାପାନ ସାମୁଦ୍ରିକ ଆତ୍ମରକ୍ଷା ବାହିନୀ ଜାହାଜରେ ଆବଶ୍ୟକ ଜରୁରୀକାଳୀନ ଚିକିତ୍ସା ପ୍ରଦାନ କରିଥିବାରୁ ଭାରତୀୟ ନୌସେନାର ସେ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ତାଙ୍କ ହୃଦୟରେ ଭାରତ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ୨୦୧୮ ଅଗଷ୍ଟ ୬ ତାରିଖରେ

ଜାପାନର ଅନ୍ୟ ସଂସଦ ସଦସ୍ୟଙ୍କ ସହ ସେ ଭାରତ ଗସ୍ତରେ ଆସି ପରମାଣୁ ବୋମା ପ୍ରଭାବିତଙ୍କ ସ୍ମାରକୀ ଉତ୍ସବରେ ଯୋଗ ଦେଇଥିଲେ ବୋଲି ଶ୍ରୀ କୋଇଜୁମି କହିଛନ୍ତି । ଜାପାନ ବ୍ୟତୀତ ଭାରତ ଏକମାତ୍ର ରାଷ୍ଟ୍ର ଯାହା ପ୍ରତିବର୍ଷ ଏହି ସମାରୋହ ଆୟୋଜନ କରିଥାଏ ।

ଜାପାନ ପ୍ରତିରକ୍ଷା ମନ୍ତ୍ରୀ ଆଜି ପୂର୍ବାହ୍ନରେ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଗତକାଲି ଶ୍ରୀ କୋଇଜୁମି ପଶ୍ଚିମ ନୌସେନା କମାଣ୍ଡ ଏବଂ ଆଇ.ଏନ୍.ଏସ୍ ଚେନ୍ନାଇ ପରିଦର୍ଶନ କରିଥିଲେ ।

# ଟିଏନ୍-ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ୩୧ତମ ଦକ୍ଷିଣ ଜୋନାଲ ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ତାମିଲନାଡୁର ମାମଲାପୁରମ ନିକଟସ୍ଥ କୋଭାଲମଠାରେ ଚାଲିଥିବା ଏହି ବୈଠକରେ ଦକ୍ଷିଣାଞ୍ଚଳ ରାଜ୍ୟ ଗୁଡ଼ିକର ଶୀର୍ଷ ନେତୃତ୍ୱ ତଥା ବରିଷ୍ଠ ଅଧିକାରୀ ଯୋଗ ଦେଇଛନ୍ତି । ଆନ୍ତଃରାଜ୍ୟ ବିବାଦ, ସୁରକ୍ଷା ଏବଂ ବିକାଶ ପ୍ରସଙ୍ଗରେ ମତ ବିନିମୟ ହେଉଛି । ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋଶେଫ ବିଜୟ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର, କେରଳମ୍ ମୁଖ୍ୟମନ୍ତ୍ରୀ ଭି.ଡି.ଶତୀଶନ, ତେଲେଙ୍ଗାନା ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭାଟି ବିକ୍ରମାର୍କ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ପୁଡୁଚେରୀ ଉପରାଜ୍ୟପାଳ ଓ

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଉପରାଜ୍ୟପାଳ, ଲାକ୍ଷାଦ୍ୱୀପର ପ୍ରଶାସକ ଏବଂ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ପଦାଧିକାରୀ ବୈଠକରେ ଯୋଗ ଦେଇଛନ୍ତି । ଏହି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଏହାର ସମାଧାନର ପନ୍ଥା ନିର୍ଣ୍ଣୟ କରିବାରେ ଜୋନାଲ ପରିଷଦ ବୈଠକ ଏକ ମଞ୍ଚ ପ୍ରଦାନ କରୁଛି । ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧିକ ମାମଲାର ଶୀଘ୍ର ତଦନ୍ତ ତଥା ବିଚାର ପାଇଁ ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ କାର୍ଯ୍ୟକାରୀ କରିବା ଏବଂ ଶିକ୍ଷାକ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହେଉଥିବା ଜଣାପଡିଛି ।

## ଏଲ୍‌ଜି ବ୍ରିକ୍ସ ରିଭ୍ୟୁ ମିଟିଂ

ଦିଲ୍ଲୀରେ ଆସନ୍ତାମାସ ୧୨ ଓ ୧୩ ତାରିଖରେ ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ ଆୟୋଜିତ ହେବା ନେଇ କାର୍ଯ୍ୟସୂଚୀ ରହିଛି । ଉପରାଜ୍ୟପାଳ ତରନ୍‌ଜିତ୍ ସିଂହ ସାନ୍ଧୁଙ୍କ ଅଧ୍ୟକ୍ଷତାରେ ଆଜି ଏ ନେଇ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସାନ୍ଧୁ କହିଛନ୍ତି ବହୁପକ୍ଷୀୟ ସମନ୍ୱୟ ଏବଂ ସମୟ ସୀମାବଦ୍ଧ କାର୍ଯ୍ୟ ପ୍ରସ୍ତୁତି ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । 'ଅତିଥି ଦେବୋ ଭବ' ଦୃଷ୍ଟିକୋଣ ଆଧାରରେ ସୁରକ୍ଷା

ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ଉପରେ ବୈଠକରେ ମତ ବିନିମୟ ହୋଇଛି । ନିରନ୍ତରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପ୍ରସଙ୍ଗ ଆଧାରିତ ଭାରତ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଶ୍ରୀ ସାନ୍ଧୁ କହିଛନ୍ତି ।

## ସୀତାରମଣ-ସିଙ୍ଗାପୁର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସିଙ୍ଗାପୁରଠାରେ ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଆଲୋଚନା ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରପତି ଜିତିନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥ ମନ୍ତ୍ରଣାଳୟ କହିଛି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ରଣନୈତିକ ସହଭାଗିତା ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଲକ୍ଷ୍ୟରେ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆର୍ଥିକ ସହଯୋଗ, ଡିଜିଟାଲାଇଜେସନ, ଯୋଗାଯୋଗ, ଦକ୍ଷତା ବିକାଶ ଏବଂ ସ୍ଥାୟୀତ୍ୱ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜଭୁତ କରିବା ନେଇ ମତ ବିନିମୟ ହୋଇଥିବା ମନ୍ତ୍ରଣାଳୟ କହିଛି । ଭାରତ-ସିଙ୍ଗାପୁର

ଚତୁର୍ଥ ମନ୍ତ୍ରିସ୍ତରୀୟ ଗୋଲ୍‌ଟେବୁଲ ବୈଠକରେ ଏହି ମନ୍ତ୍ରୀଗଣ ଭାରତର ପ୍ରତିନିଧି ଭାବେ ଅଂଶଗ୍ରହଣ କରୁଛନ୍ତି ।

## ଏସ୍‌ସି-ଇଣ୍ଡଷ୍ଟ୍ରୀ ଟର୍ମ

୧୯୭୮ ମସିହା ବାଙ୍ଗାଲୋର ଜଳଯୋଗାଣ ରାୟରେ ଉଲ୍ଲେଖଥିବା 'ଶିଳ୍ପ' ଶବ୍ଦର ବ୍ୟାପକତା ନେଇ ସୁପ୍ରିମକୋର୍ଟ ଆଜି ସ୍ପଷ୍ଟ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ ସାମ୍ବିଧାନିକ ପୀଠ ବହୁମତରେ ଏହି ରାୟ ପ୍ରକାଶ କରିଛନ୍ତି । ଶିଳ୍ପ ବିବାଦ ଆଇନ୍ ୧୯୪୭ ଅନୁଯାୟୀ ଶିଳ୍ପ ଶବ୍ଦର ଅର୍ଥକୁ ଜଳଯୋଗାଣ ରାୟରେ ଗ୍ରହଣ କରାଯିବା ଉଚିତ୍ ବୋଲି ପୀଠ ଉଲ୍ଲେଖ କରିଛନ୍ତି । ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ସମ୍ପର୍କ ରହିଥିବା ପ୍ରତ୍ୟେକ ପ୍ରତିଷ୍ଠାନରେ ଶିଳ୍ପ ଶବ୍ଦର ଏହି ବ୍ୟାପକତା କାର୍ଯ୍ୟକାରୀ କରାଯିବା ଉପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଏ ବାବଦରେ ଭବିଷ୍ୟତର ମାମଲାଗୁଡ଼ିକ ଶିଳ୍ପ ସମ୍ପର୍କ ସଂହିତା ୨୦୨୦ ଦ୍ୱାରା ପରିଚାଳିତ ହେବ । ନୂତନ ସଂହିତାକୁ ନିଜସ୍ୱ ପାଠ୍ୟ ଏବଂ ପ୍ରସଙ୍ଗ ଆଧାରରେ ବାଖ୍ୟା କରିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ବାଙ୍ଗାଲୋର ଜଳଯୋଗାଣ ରାୟ ମାଧ୍ୟମରେ ଏହି ବାଖ୍ୟାକୁ ନିୟନ୍ତ୍ରଣ କରାଯିବା ଉଚିତ୍ ନୁହେଁ ବୋଲି କୋର୍ଟ କହିଛନ୍ତି । ସୂଚନାଯୋଗ୍ୟ ୧୯୭୮ ମସିହା ଫେବୃୟାରୀ ୨୧ ତାରିଖରେ

ସୁପ୍ରିମକୋର୍ଟର ୭ଜଣିଆ ପୀଠ ବାଙ୍ଗାଲୋର ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ ମାମଲାର ବିଚାର ବେଳେ ଶିଳ୍ପର ପରିଭାଷାକୁ ବ୍ୟାପକ କରିଥିଲେ । ଏହି ରାୟ ଦ୍ୱାରା ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କ୍ଲବ ଏବଂ ସରକାରୀ କଲ୍ୟାଣ ବିଭାଗରେ କାର୍ଯ୍ୟରତ କର୍ମଚାରୀ ତତ୍କାଳୀନ ଶିଳ୍ପ ବିବାଦ ଆଇନ୍ ୧୯୪୭ର ସୁରକ୍ଷା ପରିଭାଷା ଅଧୀନକୁ ଆସିଥିଲେ ।

## ଶାହା–ବନ୍ଦେ ମାତରମ୍

ବନ୍ଦେ ମାତରମ୍‌ର ପୂର୍ଣ୍ଣ ପରିବେଷଣ ପରିବର୍ତ୍ତେ କେବଳ ୨ଟି ପଦ ଗାଇବା ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ ନେଇଥିବା ନିଷ୍ପତ୍ତିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିନ୍ଦା କରିଛନ୍ତି । ଗଣମାଧ୍ୟମ ସହ ଆଲୋଚନା କାଳରେ ଶ୍ରୀ ଶାହା କହିଛନ୍ତି ଏଭଳି ନିଷ୍ପତ୍ତି ସଂସଦ ଦ୍ୱାରା ପ୍ରଣୀତ ଆଇନ୍‌ର ଖୋଲା ଉଲ୍ଲଙ୍ଘନ । ଏହା ଦେଶ ବିରୋଧୀ ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି । ୧୯୩୭ ମସିହାରେ କଂଗ୍ରେସ ତୁଷ୍ଟିକରଣ ଦୃଷ୍ଟିକୋଣ ଆଧାରାରେ ବନ୍ଦେ ମାତରମ୍‌କୁ ଦୁଇଭାଗରେ ବିଭକ୍ତି କରିଥିଲା ବୋଲି ଶ୍ରୀ ଶାହା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଏହି ଜାତୀୟ ଗୀତର ୧୫୦ତମ ବାର୍ଷିକୀ ପାଳନ ଅବସରରେ କେନ୍ଦ୍ର ସରକାର ପୂର୍ବ ଭୁଲ୍‌କୁ ସଂଶୋଧନ କରି ଏହାକୁ ଆଇନ୍‌ଗତ ସ୍ୱୀକୃତି ପ୍ରଦାନ କରିଛନ୍ତି । କଂଗ୍ରେସ ପୁର୍ନବାର ଭୋଟ୍‌ବ୍ୟାଙ୍କ

ରାଜନୀତି ପାଇଁ ତୁଷ୍ଟିକରଣ ନୀତି ଅନୁସରଣ କରୁଛି ବୋଲି ଶ୍ରୀ ଶାହା ଅଭିଯୋଗ କରିଛନ୍ତି ।

## ବାଂଲା ପ୍ରେଜ୍ ପୋଲିଂ

ବାଂଲାଦେଶରେ ଆଜି ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ସଂସଦ ପରିସରରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏଥିଲାଗି ଭୋଟ୍‌ଗ୍ରହଣ କରାଯିବ । ଶାସକ ବି.ଏନ୍.ପି.ର ପ୍ରମୁଖ ନେତା ମିର୍ଜା ଫାକ୍‌ରୁଲ୍ ଇସ୍‌ଲାମ୍ ଆଲାମ୍‌ଗିର୍ ଏବଂ ୧୧ଟି ବିରୋଧୀ ଦଳଙ୍କ ପକ୍ଷରୁ ମେଣ୍ଟ ପ୍ରାର୍ଥୀ କଲୋନେଲ୍ ଓଲି ଅହମ୍ମଦ ଏହି ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୩୫ ବର୍ଷ ପରେ ପ୍ରଥମ ଥର ଲାଗି ବାଂଲାଦେଶରେ ରାଷ୍ଟ୍ରପତି ନିର୍ବାଚନ ଲାଗି ଆଜି ଭୋଟ୍‌ଗ୍ରହଣ କରାଯିବ । ନବନିର୍ବାଚିତ ରାଷ୍ଟ୍ରପତି ଆସନ୍ତାକାଲି ବଙ୍ଗଭବନର ଦରବାର ହଲ୍‌ଠାରେ ଶପଥ ଗ୍ରହଣ କରିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କର ନିକଟତମ ବ୍ୟକ୍ତି ମହମ୍ମଦ ଶାହାବୁଦ୍ଦିନ୍ ସ୍ୱାସ୍ଥ୍ୟଗତ କାରଣରୁ ୫ ବର୍ଷ ପୂରଣ ହେବା ପୂର୍ବରୁ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା କାରଣରୁ ଆଜି ଏହି ନିର୍ବାଚନ ଅନୁଷ୍ଠିତ ହେଉଛି ।

# ବିଡବ୍ଲ୍ୟୁଏଫ୍-ଡେ

ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନସିପ ପ୍ରତିଯୋଗିତାରେ ଭାରତୀୟ ମହିଳା ଯୋଡ଼ି ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଖେଳାଯାଇଥିବା ପ୍ରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍‌ରେ ଏହି ଭାରତୀୟ ଯୋଡ଼ି ଜାପାନ ଯୋଡ଼ିକୁ ୨୧-୧୬, ଏବଂ ୨୧-୧୨ ପଏଣ୍ଟରେ ପରାସ୍ତ କରିଛନ୍ତି ।

ମହିଳା ଏକକ ବର୍ଗରେ ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଆଜି ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ଚୀନ୍‌ର ଓ୍ୱାଙ୍ଗ ଝି ଇଙ୍କ ସହ ଆଜି ସିନ୍ଧୁଙ୍କର ମୁକାବିଲା ହେବ । ପୁରୁଷ ଏକକ ବର୍ଗରେ ଆୟୁଷ ସେଟ୍ଟୀ ତାଙ୍କ ଇଣ୍ଡୋନେସିଆ ପ୍ରତିପକ୍ଷଙ୍କୁ ଭେଟିବେ । ପୁରୁଷ ଯୋଡ଼ିରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଆଜି ମାଲେସିଆ ପ୍ରତିପକ୍ଷଙ୍କୁ ଭେଟିବେ ।